# NATIONAL NEWS BULLETIN (ODIA)

## 15 July - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କଲେ ରାଷ୍ଟ୍ରପତି
- କଳିଙ୍ଗ ରତ୍ନ-୨୦୨୪ ପୁରସ୍କାରରେ ସମ୍ମାନିତ ହେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ
- ଆକ୍ସିଓମ-୪ ମିଶନ କ୍ରୁ ସଦସ୍ୟଙ୍କ ପୃଥିବୀକୁ ସଫଳ ପ୍ରତ୍ୟାବର୍ତ୍ତନ

– ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀରେ ଆସନ୍ତା ଗୁରୁବାର ଅନୁଷ୍ଠିତ ହେବ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ ସମାରୋହ

ଏବଂ

- ଫିଡେ ମହିଳା ବିଶ୍ୱକପ୍ ଚେସ୍ ପ୍ରତିଯୋଗିତାରେ ଆସନ୍ତାକାଲି ପ୍ରି-କ୍ୱାର୍ଟର ଫାଇନାଲରେ ଅବତୀର୍ଣ୍ଣ ହେବେ ଭାରତୀୟ ଖେଳାଳି

## ପ୍ରେଜ୍-ଓଡ଼ିଶା

ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଏହା କେବଳ ଆମର ସମୃଦ୍ଧ ଭାରତୀୟ ସଂସ୍କୃତିକୁ ସଂରକ୍ଷଣ କରିବ ନାହିଁ ବରଂ ଗଭୀର ପରମ୍ପରାକୁ ମଧ୍ୟ ବଜାୟ ରଖିବ । ଏଥିସହ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାର ଉତ୍ତୋରତର ଉନ୍ନତି ହେବ ବୋଲି ରାଷ୍ଟ୍ରପତି କହିଛନ୍ତି ।

**–V/O–**

ଆଜି ସନ୍ଧ୍ୟାରେ ଓଡ଼ିଶାର କଟକରେ ପଞ୍ଚଦଶ ଶତାବ୍ଦୀର ମହାନ ଓଡ଼ିଆ କବି ଏବଂ ବିଦ୍ୱାନ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜନ୍ମ ବାର୍ଷିକୀରେ ଅଭିଭାଷଣ ରଖି ରାଷ୍ଟ୍ରପତି ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତି ପ୍ରତି ଶାରଳା ଦାସଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ-୨୦୨୪ ପୁରସ୍କାର ପ୍ରଦାନ କରିଥିଲେ ।

## ଆକ୍ସିଓମ୍ ଲ୍ୟାଣ୍ଡିଂ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୮ ଦିନର ଐତିହାସିକ ଅଭିଯାନ ପରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସମେତ ଅନ୍ୟ ତିନି ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ପୃଥିବୀକୁ ଫେରି ଆସିଛନ୍ତି । ସ୍ପେଶ୍ ଏକ୍ସ

ଡ୍ରାଗନ୍ ମହାକାଶଯାନ ଆଜି ଅପରାହ୍ନରେ କାଲିଫର୍ଣ୍ଣିଆର ସାନ୍‌ଡିଏଗୋ ଉପକୂଳରେ ଅବତରଣ କରିଥିଲା। ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ କ୍ରୁ ସଦସ୍ୟମାନଙ୍କୁ ୭ ଦିନିଆ ପୁନର୍ବାସ କାର୍ଯ୍ୟକ୍ରମ କରିବାକୁ ପଡ଼ିବ। ଆକ୍ସିଓମ-୪ ମିଶନର ମହାକାଶଯାତ୍ରା ଗତ ମାସ ୨୫ ତାରିଖରେ ଆରମ୍ଭ ହୋଇଥିଲା। ଫାଲକାନ୍-୯ ରକେଟ୍ ଡ୍ରାଗନ୍ ସ୍ପେଶ କ୍ୟାପସୁଲକୁ ବହନ କରି ଫ୍ଲୋରିଡାରୁ ଅନ୍ତର୍ଜାତୀୟ ମହାକାଶକେନ୍ଦ୍ର ଅଭିମୁଖେ ଉଡ଼ାଣ କରିଥିଲା। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ପରିଦର୍ଶନ କରିବାରେ ଗ୍ରୁପ୍ କ୍ୟାପଟେନ୍ ଶୁକ୍ଲା ପ୍ରଥମ ଭାରତୀୟ ହେବା ସହ ଏବଂ ୧୯୮୪ ମସିହାରେ ମହାକାଶକୁ ଯାଇଥିବା ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ମହାକାଶଚାରୀ ହୋଇଛନ୍ତି। ମହାକାଶକେନ୍ଦ୍ରରେ ରହଣି ସମୟରେ ଶ୍ରୀ ଶୁକ୍ଲା' ଭାରତୀୟ ମହାକାଶ ଗବେଷଣା ସଂଗଠନ –ଇସ୍ରୋ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଭାରତୀୟ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ବିକଶିତ ପରୀକ୍ଷଣର ସଫଳତାର ସହ ସଂଚାଳନ କରିଥିଲେ। ମହାକାଶର ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ସ୍ଥିତିରେ ୭ଟି ପରୀକ୍ଷଣ କରାଯାଇଥିଲା। ଏହି ପରୀକ୍ଷଣଗୁଡ଼ିକ ଭବିଷ୍ୟତର ଗ୍ରହ ମିଶନ ଏବଂ ଦୀର୍ଘକାଳୀନ ମହାକାଶ ଅବସ୍ଥାନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ନାସାର ଅଭିଯାନ ଦଳ ଆକ୍ସିଓମ୍-୪ ଦଳ ପାଇଁ ଏକ ପାରମ୍ପରିକ ବିଦାୟୀ ଉତ୍ସବ ଆୟୋଜନ କରିଥିଲେ। ବିଦାୟୀ

ସମାରୋହରେ ଶୁକ୍ଳା ତାଙ୍କର ମହାକାଶଯାତ୍ରାକୁ ପ୍ରକୃତରେ ଅବିଶ୍ୱସନୀୟ ବୋଲି ବର୍ଣ୍ଣନା କରିଥିଲେ। ଏହି ଅଭିଯାନକୁ ଆକାଶ ଗଙ୍ଗା ବୋଲି ମଧ୍ୟ କୁହାଯାଉଛି। ଯାହାକି ଆକ୍ସିଓମ ସ୍ପେସ୍, ଆମେରିକୀୟ ମହାକାଶ ସଂସ୍ଥା-ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ମଧ୍ୟରେ ଏକ ସହଯୋଗ ପୂର୍ଣ୍ଣ ପ୍ରୟାସର ଅଂଶବିଶେଷ।

## ପ୍ରେଜ୍-ଶୁଭାଂଶୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରୁପ୍ ଶୁଭାଂଶୁ ଶୁକ୍ଳାଙ୍କୁ ମହାକାଶଯାତ୍ରା ପରେ ସୁରକ୍ଷିତ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ସ୍ୱାଗତ କରିଛନ୍ତି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଆକ୍ସିଓମ-୪ ମିଶନ ପାଇଲଟ ଭାବେ କ୍ୟାପଟେନ୍ ଶୁକ୍ଳାଙ୍କ ଭୂମିକା ଭାରତର ମହାକାଶ ଅନୁସନ୍ଧାନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଅନ୍ତର୍ଜାତୀୟ ସହଯୋଗ ପାଇଁ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

## ପିଏମ୍- ଶୁଭାଂଶୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାକାଶ ଅଭିଯାନରୁ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ପ୍ରଶଂସା କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ମହାକାଶକୁ ତାଙ୍କର ଐତିହାସିକ ମିଶନରୁ ପୃଥିବୀକୁ ଫେରିବା ପରେ ସେ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳାଙ୍କୁ ସ୍ୱାଗତ କରିବା ପାଇଁ

ଦେଶବାସୀଙ୍କ ସହ ଅପେକ୍ଷା କରିଛନ୍ତି। ସେ କହିଛନ୍ତି, ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ପରିଦର୍ଶନ କରିଥିବା ଭାରତର ପ୍ରଥମ ମହାକାଶଚାରୀଭାବେ ସେ ତାଙ୍କର ସମର୍ପଣ, ସାହସ ଏବଂ ଅଗ୍ରଣୀ ମନୋଭାବ ମାଧ୍ୟମରେ କୋଟି କୋଟି ସ୍ୱପ୍ନକୁ ପ୍ରେରଣା ଦେଇଛନ୍ତି। ଏହା ଦେଶର ମାନବ ମହାକାଶ ମିଶନ– ଗଗନ ଯାନ ଦିଗରେ ଆଉ ଏକ ମାଇଲଖୁଣ୍ଟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଜିତେନ୍ଦ୍ର– ଆକ୍ସିଓମ–୪

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଲା ଏବଂ ଆକ୍ସିଓମ୍-୪ ମିଶନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ଆଜି ପ୍ରକୃତରେ ମହାକାଶ ଜଗତରେ ସ୍ଥାୟୀ ସ୍ଥାନ ପାଇଛି ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ସିଂହ କହିଛନ୍ତି।

**V/O–Jitendra Singh**

# ସ୍ୱଚ୍ଛ ସର୍ବେକ୍ଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଦିନ ନୂଆଦିଲ୍ଲୀରେ ସମ୍ମାନଜନକ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ– ସହରାଞ୍ଚଳକୁ ଆଗକୁ ବଢ଼ାଇବା

ପାଇଁ ସ୍ୱଚ୍ଛ ସହରଗୁଡ଼ିକୁ ସମ୍ମାନିତ କରାଯିବ। ଏହି ପୁରସ୍କାର ଚାରୋଟି ବର୍ଗରେ ପ୍ରଦାନ କରାଯିବ। ସେଗୁଡ଼ିକ ମଧ୍ୟରେ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ଜନସଂଖ୍ୟା ଆଧାରରେ ତିନୋଟି ଶୀର୍ଷ ସ୍ୱଚ୍ଛ ସହରକୁ ପୁରସ୍କାର ପ୍ରଦାନ କରାଯିବ। ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ କହିଛି, ଚଳିତ ବର୍ଷ ମୋଟ୍ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସହରାଞ୍ଚଳ ପରିମଳ ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ ପାଇଁ ଏକ ସ୍ମାର୍ଟ ପଦ୍ଧତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି।

## ହରିୟାଣା- ମନୋହରଲାଲ

କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହରଲାଲ ହରିୟାଣାର ପାନିପଥରେ ଆଜି ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ଶକ୍ତି ଦକ୍ଷତା ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ସହାୟତା ଯୋଜନା– ଏ.ଡି.ଇ.ଇ.ଟି.ଆଇ.ଇ.'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ଏମ୍.ଏସ୍.ଏମ୍.ଇ' ଗୁଡ଼ିକୁ ଶକ୍ତି, ଦକ୍ଷ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ସାହାଯ୍ୟ କରିବା ପାଇଁ ଋଣ ଉପରେ ସୁଧ ସବ୍‌ସିଡି ପ୍ରଦାନ କରାଯିବ, ଯାହା ଦେଶବ୍ୟାପୀ ଶକ୍ତି ଦକ୍ଷତାକୁ ବୃଦ୍ଧି କରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଯୋଜନା ଶିଳ୍ପ ଖର୍ଚ୍ଚ ହ୍ରାସ କରିବା ସହ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଇଡି-ସର୍ଚ୍ଚେସ

ବେଆଇନ ଔଷଧ କାରବାର ଏବଂ ଅନଲାଇନ୍ ବେଟିଂ ନେଟଓ୍ୱର୍କର ତଦନ୍ତର ଅଂଶସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ– ଇଡି ମୁମ୍ବାଇର ଚାରୋଟି ସ୍ଥାନରେ ତଲାସି ଅଭିଯାନ ଜାରି ରଖିଛି। ଏହି ଅଭିଯାନ ସମୟରେ ୩ କୋଟିରୁ ହିସାବ ବର୍ହିଭୂତ ନଗଦ ଟଙ୍କା ସମେତ ବହୁ ମୂଲ୍ୟବାନ ପଦାର୍ଥ ଜବତ ହୋଇଛି। ମନି ଲଣ୍ଡରିଂ ନିବାରଣ ଆଇନ ଅଧୀନରେ ଏହି ମାମଲାର ତଦନ୍ତ କରାଯାଉଛି। ଇଡି ପକ୍ଷରୁ ଅବୈଧ ବାଣିଜ୍ୟ ଏବଂ ବେଟିଂ ପ୍ଲାଟଫର୍ମରେ ଜଡ଼ିତ ସଂସ୍ଥାଗୁଡ଼ିକର ଆର୍ଥିକ ଏବଂ ପରିଚାଳନାଗତ କାର୍ଯ୍ୟକଳାପକୁ ଯାଞ୍ଚ କରାଯାଉଛି।

## ଖଡ଼ଗେ- ଭାଇସ ପ୍ରେଜ୍

କଂଗ୍ରେସ ସଭାପତି ତଥା ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖର୍ଗେ ଆଜି ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼କୁ ଭେଟିଛନ୍ତି। ବିରୋଧୀ ଦଳ ଜୁଲାଇ ୨୧ ତାରିଖରୁ ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନକୁ ଫଳପ୍ରଦ କରିବା ନେଇ ସେ ଉପରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ସାଧାରଣ ଲୋକଙ୍କ ଚିନ୍ତାର ବିଷୟ ହୋଇଥିବା ଅନେକ ରଣନୈତିକ, ରାଜନୈତିକ, ବୈଦେଶିକ ନୀତି ଏବଂ ସାମାଜିକ-ଅର୍ଥନୈତିକ ପ୍ରସଙ୍ଗ ଉପରେ ମୌସୁମୀ ଅଧିବେଶନ ସମୟରେ ବିତର୍କ ଏବଂ ଆଲୋଚନା କରାଯିବାର

ଆବଶ୍ୟକତା ରହିଛି ବୋଲି ଶ୍ରୀ ଖଡ଼ଗେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ।

## ନିମିଶା- ଏକ୍‌ଜିକ୍ୟୁସନ୍

ୟେମେନରେ ଆସନ୍ତାକାଲି ପାଇଁ ପୂର୍ବରୁ ସ୍ଥିର ହୋଇଥିବା ଭାରତୀୟ ନର୍ସ ନିମିଶାପ୍ରିୟାଙ୍କ ମୃତ୍ୟୁଦଣ୍ଡକୁ ସ୍ଥଗିତ ରଖାଯାଇଛି । ସରକାର କିଛି ଦିନ ମଧ୍ୟରେ ନିମିଶା ପ୍ରିୟାଙ୍କ ପରିବାରକୁ ଅନ୍ୟପକ୍ଷ ସହିତ ଏକ ପାରସ୍ପରିକ ସହମତ ସମାଧାନରେ ପହଁଞ୍ଚିବା ପାଇଁ ଅଧିକ ସମୟ ଦେବା ଉଦ୍ଦେଶ୍ୟରେ ମିଳିତ ପ୍ରୟାସ କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଛି । ଭାରତୀୟ ଅଧିକାରୀମାନେ ସ୍ଥାନୀୟ ଜେଲ୍ କର୍ତ୍ତୃପକ୍ଷ ଏବଂ ସରକାରୀ ଓକିଲଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହିଛନ୍ତି । ଯାହା ଫଳରେ ମୃତ୍ୟୁଦଣ୍ଡକୁ ସ୍ଥଗିତ କରାଯାଇପାରିଛି ।

## ହେଲ୍‌ଥ ମିନିଷ୍ଟ୍ରି– ଷ୍ଟ୍ରିଟ୍ ଫୁଡ୍

ସିଙ୍ଗଡ଼ା, ଜଲେବି ଏବଂ ଲଡ୍ଡୁ ଭଳି ଖାଦ୍ୟ ଉତ୍ପାଦ ଉପରେ ଚେତାବନୀ ଲେବଲ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିବା ସଂକ୍ରାନ୍ତ ଗଣମାଧ୍ୟମ ରିପୋର୍ଟକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖଣ୍ଡନ କରିଛନ୍ତି । ଏକ ବିବୃତିରେ ଗଣମାଧ୍ୟମ ରିପୋର୍ଟଗୁଡ଼ିକୁ ଭୁଲ୍ ଏବଂ ଭିତ୍ତିହୀନ ବୋଲି ଦର୍ଶାଇବା ସହ ମନ୍ତ୍ରଣାଳୟ ପୃଥକ ଭାବେ ପରାମର୍ଶ ଜାରି କରିଛି । ଯାହା

କାର୍ଯ୍ୟସ୍ଥଳରେ ସ୍ୱାସ୍ଥ୍ୟକର ପସନ୍ଦ ପାଇଁ ଏକ ପଦକ୍ଷେପ। ବିଭିନ୍ନ କାର୍ଯ୍ୟସ୍ଥଳ ଯେପରିକି ଲବି, କ୍ୟାଣ୍ଟିନ୍, କାଫେଟେରିଆ ଓ ବୈଠକ କକ୍ଷରେ ବିଭିନ୍ନ ଖାଦ୍ୟ ସାମଗ୍ରୀରେ ଲୁଚି ରହିଥିବା ଚର୍ବି ଏବଂ ଅତ୍ୟଧିକ ଚିନିରେ କ୍ଷତିକାରକ ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ପାଇଁ ବୋର୍ଡ ପ୍ରଦର୍ଶନ କରିବା ଉପରେ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

# ଚେସ୍- ଫିଡେ ୱାର୍ଲଡ କପ୍

ଜର୍ଜିଆର ବାଟୁମିରେ ଅନୁଷ୍ଠିତ ହେଉଥିବା ଫିଡେ ମହିଳା ବିଶ୍ୱକପ୍‌ରେ ଭାରତର ଚେସ୍ ଖେଳାଳି ଆର୍.ବୈଶାଳୀ ହାରିକା ଦ୍ରୋଣାଭାଲି, କୋନେରୁ ହମ୍ପି ଏବଂ ଦିବ୍ୟା ଦେଶମୁଖ ଆସନ୍ତାକାଲି ଚତୁର୍ଥ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବେ। କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିବା ଲକ୍ଷ୍ୟ ନେଇ ଭାରତୀୟ ଖେଳାଳିମାନେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରିବାର ଆଶା କରାଯାଉଛି। ପ୍ରି-କ୍ୱାର୍ଟର ଫାଇନାଲରେ ବୈଶାଳୀ' କାଜାଖସ୍ତାନର ମେରୁଏର୍ଟ କାମାଲିଡେନୋଭାଙ୍କୁ ଭେଟିବେ। ଦିବ୍ୟା ଚୀନ୍‌ର ଝୁ ଜିନରଙ୍କୁ ଭେଟିବାକୁ ଥିବାବେଳେ ହମ୍ପି ସ୍ୱିଜରଲାଣ୍ଡର ଆଲେକଜାଣ୍ଡ୍ରା କୋଷ୍ଟେନିୟୁକଙ୍କ ବିପକ୍ଷରେ ଖେଳିବେ ଏବଂ ହାରିକା ପୁଣିଥରେ ଲାଗ୍‌ନୁଙ୍କୁ ଭେଟିବେ। ଚତୁର୍ଥ ରାଉଣ୍ଡ ଖେଳଗୁଡ଼ିକ ଆସନ୍ତାକାଲି ଏବଂ ୧୭ ତାରିଖରେ ଖେଳାଯିବା ପାଇଁ ସ୍ଥିର ହୋଇଛି। ଆବଶ୍ୟକ ପଡ଼ିଲେ ୧୮ ତାରିଖରେ ମଧ୍ୟ ଖେଳ ହୋଇପାରେ।